ପ୍ରେସ୍ ରିଲିଜ୍

# ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ, ପୁରୀ

## ଦୁଇ ଦଇତା ସେବକଙ୍କ ନିଲମ୍ବନ ଆଦେଶକୁ ମାନ୍ୟବର ଉଚ୍ଚନ୍ୟାୟାଳୟ କାଏମ୍ ରଖିଲେ

ପୁରୀ, ତା ୨୪/୭ :- ଚଳିତ ନବକଳେବର ଅବସରରେ ଶ୍ରୀବିଗ୍ରହମାନଙ୍କର ଘଟ ପରିବର୍ତ୍ତନ ସମୟରେ ବିଶୃଙ୍ଖଳା ସୃଷ୍ଟି କରିବା ସହିତ ମହାପ୍ରଭୁଙ୍କ ଏହି ଗୋପନୀୟ ସେବାରେ ବିଳମ୍ବ ଘଟାଇଥିବାରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର ଶ୍ରୀଜଗନ୍ନାଥ ମନ୍ଦିର ଆଇନ୍ ୧୯୫୫ର ଧାରା ୨୧-ଖ ଅନୁଯାୟୀ ଦୁଇ ଦଇତା ସେବକ ଶ୍ରୀ କାଶୀନାଥ ଦାସ ମହାପାତ୍ର ଓ ତାଙ୍କର ପୁତ୍ର ଶ୍ରୀ ଜୟକୃଷ୍ଣ ଦାସ ମହାପାତ୍ରଙ୍କୁ ଗତ ୨୪/୬/୧୫ତାରିଖରେ ସେବାରୁ ନିଲମ୍ବନ କରିଥିଲେ । ଉଭୟ ଦଇତା ସେବକ ନିଲମ୍ବନ ଆଦେଶ ବିରୁଦ୍ଧରେ ମାନ୍ୟବର ଉଚ୍ଚନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ । ଉଚ୍ଚନ୍ୟାୟାଳୟର ମାନ୍ୟବର ବିଚାରପତି ଡ଼ଃ ଅକ୍ଷୟ କୁମାର ରଥ ଉପରୋକ୍ତ ଦୁଇ ଦଇତା ସେବକଙ୍କ ଦ୍ୱାରା ଦାଖଲ ହୋଇଥିବା ଡ଼ବ୍ଲ୍ୟୁ.ପି.(ସି) ନଂ - ୧୧୬୬୦/ ୧୫ ଏବଂ ୧୧୬୬୧/ ୧୫ କେସ୍‌ର ଶୁଣାଣି କରି ଆଜି ତାଙ୍କ ଆଦେଶରେ ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକଙ୍କ ନିଲମ୍ବନ ଆଦେଶକୁ କାଏମ୍ ରଖିବା ସହ ଉଭୟ ଦଇତାଙ୍କ ଆବେଦନକୁ ଖାରଜ୍ କରିଛନ୍ତି । ଶ୍ରୀମନ୍ଦିର ପ୍ରଶାସନର ଆଇନ୍ ପରାମର୍ଶଦାତା ଆଇନ୍‌ଜୀବୀ ଶ୍ରୀ ଜଗନ୍ନାଥ ରଥଙ୍କ ସହଯୋଗୀ ଆଇନ୍‌ଜୀବୀ ଶ୍ରୀ ପତିତପାବନ ପଣ୍ଡା, ଶ୍ରୀ ସୁବ୍ରତ ଶତପଥି, ଶ୍ରୀ ଦେବଜ୍ୟୋତି ଚାଟାର୍ଜୀ, ଶ୍ରୀ ଲକ୍ଷ୍ମୀନାରାୟଣ ରୟତ ସିଂହ, ଶ୍ରୀ ମୋହନଲାଲ ମିଶ୍ର ଓ ଶ୍ରୀ ଶରତ କୁମାର ମିଶ୍ର ପ୍ରମୁଖ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଏହି ମାମଲା ପରିଚାଳନା କରୁଥିଲେ ।

ଲକ୍ଷ୍ମୀଧର ପୂଜାପଣ୍ଡା
୨୪.୭.୧୫

ଲୋକ ସଂପର୍କ ଅଧିକାରୀ
ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ